# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 4 April – 2025

### News Editor : Tapan Kumar Moharana

************************************

## <u>ମୁଖ୍ୟ ସମ୍ବାଦ</u>

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ସମ୍ବଲପୁର-ଜରପଡା ଓ ଝାରସୁଗୁଡ଼ା-ଶାସନର ତୃତୀୟ ଓ ଚତୁର୍ଥ ରେଳଲାଇନ୍‌କୁ ମିଳିଲା ମଂଜୁରୀ
- ୱାକଫ ସଂଶୋଧନ ବିଧେୟକ-୨୦୨୫ (ଉମିଦ୍) ସଂସଦରେ ପାରିତ ହେବା ନେଇ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ କଲେ ଯୋଗଦାନ

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପାଳନ କରାଯାଉଛି ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ

## କ୍ୟାବିନେଟ୍ କମିଟି ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ରେଳ ପ୍ରକଳ୍ପ ସମ୍ବନ୍ଧୀୟ ୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ମଞ୍ଜୁରୀ ମିଳିଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରେ ଓଡ଼ିଶାର ସମ୍ବଲପୁର - ଜରପଡା ଓ ଝାରସୁଗୁଡ଼ା-ଶାସନର ତୃତୀୟ ଓ ଚତୁର୍ଥ ରେଳ ଲାଇନ୍ ରହିଛି । ଏହି ଦୁଇଟି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୫ ହଜାର ୧୦୪ କୋଟି ଟଙ୍କା ଖର୍ଚ୍ଚ କରିବେ । ୨୦୩୦-୩୧ ମସିହା ସୁଦ୍ଧା କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ମଞ୍ଜୁରୀ ମିଳିଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର, ଓଡ଼ିଶା ଏବଂ ଛତିଶଗଡର ୪ଟି ରେଳ ପ୍ରକଳ୍ପ ପାଇଁ ୧୮ ହଜାର ୬୫୮ କୋଟି ଟଙ୍କା ସରକାର ବ୍ୟୟ ବରାଦ କରିଛନ୍ତି ।

ଓଡ଼ିଶାର ଦୁଇଟି ରେଳ ପ୍ରକଳ୍ପକୁ କେନ୍ଦ୍ର ସରକାର ଦେଇଥିବା ମଂଜୁରୀ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ୨୭୭ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପ ତାଳଚେର-ସମ୍ବଲପୁର ଅଂଚଳରେ ନୂତନ ଆର୍ଥିକ ସୁଯୋଗ, ଅଧିକ ଯାତ୍ରୀ ଏବଂ  ଟ୍ରେନ ଚଳାଚଳ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଆଂଚଳିକ ସଂଯୋଗୀକରଣକୁ ଉନ୍ନତ କରିବା ସହ ଏହି ପ୍ରକଳ୍ପ ବିକଶିତ ଓଡ଼ିଶାର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ରାଜ୍ୟସଭା - ୱାକଫ୍ ବିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦର ଉଭୟ ଗୃହରେ ୱାକଫ ସଂଶୋଧନ ବିଲ୍-୨୦୨୫ (ଉମିଦ୍) ପାରିତ ହୋଇଥିବା ନେଇ  ପ୍ରଶଂସା

କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ୱାକଫ ସଂଶୋଧନ ବିଲ୍ ଗୃହୀତ ହେବା ସାମାଜିକ-ଆର୍ଥିକ ନ୍ୟାୟ, ପାରଦର୍ଶୀତା ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ସାମୂହିକ ପ୍ରୟାସର ଏକ ଯୁଗାନ୍ତକାରୀ ମୁହୂର୍ତ୍ତ।

ୱାକଫ୍ ସଂଶୋଧନ ବିଧେୟକ-୨୦୨୫ (ଉମିଦ୍) ଗତକାଲି ରାଜ୍ୟସଭାରେ ପାରିତ ହୋଇଯାଇଛି। ବିଧେୟକ ଉପରେ ଦୀର୍ଘ ସମୟ ଧରି ଆଲୋଚନା ପରେ ଭୋଟ୍ ଗ୍ରହଣ କରାଯାଇଥିଲା। ବିଧେୟକ ସପକ୍ଷରେ ୧୨୮ଟି ଓ ବିପକ୍ଷରେ ୯୫ଟି ଭୋଟ୍ ମିଳିଥିଲା । ରାଜ୍ୟସଭାରେ ଗୃହୀତ ହେବା ପୂର୍ବରୁ ଗତକାଲି ଲୋକସଭାରେ ଏହି ବିଲ୍ ସପକ୍ଷରେ ୨୮୮ ଜଣ ଏବଂ ବିପକ୍ଷରେ ୨୩୨ ଜଣ ସାଂସଦ ମତଦାନ କରିଥିଲେ । ସଂସଦର ଉଭୟ ଗୃହରେ ଅନୁମୋଦନ ଲାଭ ପରେ ବିଲ୍‌ଟିକୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଯିବ । ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇବା ପରେ ୱାକଫ୍ ସଂଶୋଧନ ବିଧେୟକ-୨୦୨୫ (ଉମିଦ୍) ଆଇନରେ ପରିଣତ ହେବ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ୱାକଫ୍ ସଂଶୋଧନ ବିଲ୍ କୌଣସି ଧର୍ମ ସହିତ ସଂଶ୍ଳିଷ୍ଟ ନୁହେଁ। ଏହା କେବଳ ମୁସଲ୍‌ମାନ୍ ସମ୍ପ୍ରଦାୟର ୱାକଫ୍ ସମ୍ପତ୍ତି ଉପରେ ଆଇନ ଅଣାଯାଇଛି। ୱାକଫ୍ ବୋର୍ଡ଼ର ସମ୍ପତ୍ତି ସହିତ ଏହି ବିଲ୍ ଜଡ଼ିତ ଏବଂ ୱାକଫ୍ ବୋର୍ଡ଼କୁ ସମାବେଶୀ ଓ ଧର୍ମ ନିରପେକ୍ଷ କରିବାପାଇଁ ସରକାର ଚାହାନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ସଂସଦର ଉଭୟ ଗୃହ ମୁଲତବୀ

ସଂସଦର ଚଳିତ ବଜେଟ୍ ଅଧିବେଶନର ଦୁଇଟି ପର୍ଯ୍ୟାୟ ଶେଷ ହୋଇଛି। ଓ୍ୱାକଫ ସଂଶୋଧନ ବିଲ୍-୨୦୨୫ (ଉମିଦ୍) ବୁଧବାର ଦିନ ଲୋକସଭାରେ ପାରିତ ହେବା ପରେ ବାଚସ୍ପତି ଓମ୍ ବିର୍ଲା ସଦନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିଛନ୍ତି। ଅନ୍ୟପକ୍ଷରେ ରାଜ୍ୟସଭାରେ ବିଲ୍‌ଟି ବହୁମତ ପାଇ ପାରିତ ହେବା ପରେ ଅଧ୍ୟକ୍ଷ ଜଗଦୀପ ଧନଖଡ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନକୁ ମୁଲତବୀ ରଖିଛନ୍ତି। ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଓ୍ୱକଫ ବିଲ୍ ସହିତ ୧୦ଟି ସରକାରୀ ବିଲ୍ ସମେତ ୧୬ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ସଂସଦର ଅନୁମୋଦନ ଲାଭ କରିଥିଲା।

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭଦ୍ରକ ଗସ୍ତରେ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନ ଭଦ୍ରକରେ ରାମନବମୀ ମହୋତ୍ସବକୁ ଶାନ୍ତି-ଶୃଙ୍ଖଳା ସହ  ପାଳନ କରିବାକୁ ନିବେଦନ କରିଛନ୍ତି। ଭଦ୍ରକରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ଏବଂ ଧାମନଗର ଛକଠାରେ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ଆଦି କାର୍ଯ୍ୟକୁ ସରକାର କାର୍ଯ୍ୟକାରୀ କରି ବିକଶିତ ରାଜ୍ୟ ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଗସ୍ତ ସମୟରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏବଂ ଦଳର ସାଂଗଠନିକ କର୍ମୀମାନେ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ-ନାମଫଳକ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିବାପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ'ର ଚତୁର୍ଥ ଦିନରେ ଆଜି

ରାଜ୍ୟର ବିଭିନ୍ନ ସ୍ଥାନରେ 'ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ' ଦିବସ ପାଳନ କରାଯାଉଛି ।

**କଟକ** ଜିଲ୍ଲା ପ୍ରଶାସନ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ପକ୍ଷରୁ ଓଡ଼ିଆରେ ନାମ ଫଳକ ଅଭିଯାନ ଓ ସଚେତନତା ପଦଯାତ୍ରାକୁ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଶୁଭାରମ୍ଭ କରିଥିଲେ। ବ୍ୟବସାୟୀମାନେ ନିଜ ନିଜ ଅନୁଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବାକୁ ଏହି ପଦଯାତ୍ରାରେ ସଚେତନ କରାଯାଇଥିଲା।

**ଗଞ୍ଜାମ** ଜିଲ୍ଲାରେ ଏହି ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲା ଶ୍ରମ ଅଧିକାରୀ ବର୍ଷାରାଣୀ ଜେନାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

**ନୟାଗଡ଼** ଜିଲ୍ଲାରେ ଏହି ପଦଯାତ୍ରାକୁ ଜିଲ୍ଲାପାଳ ରୋଜିନା ଦାସ ଶୁଭାରମ୍ଭ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ୍ ଅନୁଯାୟୀ ଓଡ଼ିଆ ଭାଷାରେ ନାମ ଫଳକ ଲେଖା ସମ୍ବନ୍ଧରେ ବିଭିନ୍ନ ସଚେତନତାମୂଳକ ବ୍ୟାନର ପ୍ରଦର୍ଶନ ସହ ଏକ ପଦଯାତ୍ରା ସହର ପରିକ୍ରମା କରିଥିଲା।

**ଦେବଗଡ଼** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ପହଞ୍ଚି

ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଦୋକାନୀମାନଙ୍କୁ ଅନୁରୋଧ କରିଥିଲେ ।

**ମାଲକାନଗିରି** ଜିଲ୍ଲା ପ୍ରଶାସନ ପକ୍ଷରୁ  ଓଡ଼ିଆରେ ନାମଫଳକ ଅଭିଯାନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ନିମନ୍ତେ ଏକ ସଚେତନତା ପଦଯାତ୍ରା କରାଯାଇଥିଲା ।

**ସୁବର୍ଣ୍ଣପୁର** ଜିଲ୍ଲାରେ ବିନିକା ଏବଂ ତରଭା ବିଜ୍ଞପିତ ଅଂଚଳ ପରିଷଦରେ ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି ।

**କଳାହାଣ୍ଡି** ଜିଲ୍ଲାରେ ଓଡ଼ିଆରେ ନାମଫଳକ ଅଭିଯାନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ଆସନ୍ତାକାଲି ପଂଚମ ଦିନରେ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

## ଶ୍ରାଦ୍ଧ ଦିବସ – ରଘୁ-ଦିବାକର

ସହିଦ୍ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଆଜି ଭୁବନେଶ୍ୱର ଜୟଦେବ ଭବନଠାରେ ସନ୍ଧ୍ୟାରେ ଅନୁଷ୍ଠିତ ହେଉଛି । ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ସହିଦ ରଘୁ-ଦିବାକର ସ୍ମୃତିକମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ' ଭୁବନେଶ୍ୱର'ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଶ୍ରାଦ୍ଧ ଦିବସ ଉପଲକ୍ଷେ ଆଜି ସକାଳେ

ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ସହିଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ।

## ପ୍ରଶିକ୍ଷଣ ଶିବିର

ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଶେଷ କରିବା ନେଇ ସେବାୟତମାନଙ୍କର ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆଜି ଆରମ୍ଭ ହୋଇଛି। ନୀଳାଦ୍ରି ଭକ୍ତନିବାସ ପରିସରରେ ଏହି ଶିବିରକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଉତ୍ତମ ସେବକର ଲକ୍ଷଣ, ଶ୍ରୀଜୀଉଙ୍କ ଶୃଙ୍ଖଳିତ ନୀତିକାନ୍ତି, ସେବା ଓ ସେବକ ଉପରେ ଆଲୋଚନା କରାଯାଇଥିଲା। ସେବାୟତମାନେ ସମର୍ପଣ ମନୋଭାବ ସହ ଉତ୍ତମ ଶିକ୍ଷା ଓ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆହ୍ୱାନ ଦେଇଥିଲେ। ଶିବିରରେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନିତ୍ ଅଗ୍ରୱାଲଙ୍କ ସମେତ ବିଭିନ୍ନ ନିଯୋଗର ବରିଷ୍ଠ ଓ ଯୁବ ସେବାୟତମାନେ ଉପସ୍ଥିତ ଥିଲେ।

## ନୂଆ ପାଠ୍ୟକ୍ରମ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ ପକ୍ଷରୁ ଚଳିତ ଶିକ୍ଷାବର୍ଷଠାରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ନୂଆ ପାଠ୍ୟକ୍ରମ ଘୋଷଣା କରାଯାଇଛି। ପାଠ୍ୟକ୍ରମରେ ଦକ୍ଷତା ସମ୍ପନ୍ନ ଶିକ୍ଷା ସୁଯୋଗକୁ ବ୍ୟାପକ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ସିବିଏସ୍‌ଇ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ପାଠ୍ୟକ୍ରମରେ କମ୍ପ୍ୟୁଟର ଆପ୍ଲିକେଶନ, ସୂଚନା ପ୍ରଯୁକ୍ତିବିଦ୍ୟା କିମ୍ବା କୃତ୍ରିମ ବୁଦ୍ଧିମତା-ଏ.ଆଇ. ମଧ୍ୟରୁ ଗୋଟିଏ ବିଷୟକୁ ବାଧ୍ୟତାମୂଳକ କରାଯାଇଛି।

## ମାରାଗୁଡା ଲୋକମହୋତ୍ସବ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ **ନୂଆପଡା** ଜିଲ୍ଲା ଗସ୍ତରେ ଯାଇ ମାରାଗୁଡା ଲୋକମହୋତ୍ସବ-୨୦୨୫ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଏକ ରୋଡ୍ ଶୋ'ରେ ଯୋଗଦେବା ସହ ଏକତା ଛକଠାରେ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଜିଲ୍ଲାରେ ଚାଲିଥିବା ମାରାଗୁଡ଼ା ଲୋକମହୋତ୍ସବ ଆସନ୍ତାକାଲି ଉଦ୍ଯାପିତ ହେବ। ସ୍ଥାନୀୟ ମିନିଷ୍ଟାଡିୟମ୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପଲିଶ୍ରୀ ମେଳାରେ ୧୬୦ଟି ଷ୍ଟଲ୍ ଖୋଲାଯାଇଛି।

## ଭୋଟର ତାଲିକା

ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁସାରେ, ପ୍ରତ୍ୟେକ ରାଜନୈତିକ ଦଳ ଦ୍ୱାରା ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି ପ୍ରକ୍ରିୟା ଯାଜପୁର ଜିଲ୍ଲା ବଡ଼ଚଣା ବିଧାନସଭା ମଣ୍ଡଳୀରେ ଆରମ୍ଭ ହୋଇଛି। ନିର୍ବାଚନରେ ସ୍ୱଚ୍ଛତା, ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନେଇ ଆଜି ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ରବିବାର ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଜାରି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି। ରାଜ୍ୟର ୨୧ଟି ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ ଘଡଘଡି ସହ ମଧ୍ୟମ ଧରଣର ବର୍ଷା ଏବଂ ପବନର ବେଗ ୪୦ ରୁ ୫୦ କିଲୋମିଟର ବହିବାର ସମ୍ଭାବନା ରହିଛି।

କାଳବୈଶାଖୀ ଯୋଗୁଁ ରାଜ୍ୟର ପାରଳାଖେମୁଣ୍ଡିକୁ ଛାଡିଦେଲେ ସବୁ ସ୍ଥାନର ତାପମାତ୍ରା ୩୭ ଡିଗ୍ରୀରୁ କମ୍ ଥିଲା। ପାରଳାଖେମୁଣ୍ଡିରେ ଆଜି ଦିନର ସର୍ବାଧିକ ତାପମାତ୍ରା ୩୮ ଦଶମିକ ୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

**********************************